بسم الله الرحمن الرحيم

**ଖୁତବା ଜୁମା ୧୨ ଅକ୍ଟୋବର୍ ୨୦୧୮ର ସାରାଂଶ**

**ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍,ଲଣ୍ଡନ୍**

## ହୁଜୁର୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦର ସାହାବା ମାନଙ୍କ ପ୍ରଶଂସନୀୟ ସଦଗୁଣାବଳୀ ଗୁିଡ଼କର ଉତ୍କର୍ଷପୂର୍ଣ୍ଣ,ବିଶ୍ୱାସବର୍ଦ୍ଧକ ଏବଂ ମନମୁଗ୍ଧକର ଚର୍ଚ୍ଚା ।

ତଶହୁଦ୍ ତଉଜ୍ ଏବଂ ସୁରା ଫାତିହାର ଆବୃତ୍ତି କରିବା ପରେ ହୁଜୁରେ ଅନଓ୍ୱର୍ ଅୟେଦହୁଲ୍ଲାଃହୁ ତାଆଲା ବେନସ୍ରେଃହିଲ୍ ଅଜିଜ୍ କହିଲେ: ଆଜିର ଖୁତବାର ପର୍ଯ୍ୟାଲୋଚନାରେ ମୁଁ ଆଁହଜରତ୍ ସ.ଅଙ୍କ ଯେଉଁ ସାହାବ ମାନଙ୍କ ବିଷୟରେ ଚର୍ଚ୍ଚା କରିବାକୁ ଯାଉଅଛି ସେମାନଙ୍କ ଘଟଣାବଳୀକୁ ଏବଂ ରିୱାୟତ୍ ଗୁଡ଼ିକୁ ଇତିହାସ ବିସ୍ତୃତରୂପେ ସୁରକ୍ଷିତ କରି ରଖିପାରି ନାହିଁ । ତେଣୁ ସେମାନଙ୍କର ସଂକ୍ଷିପ୍ତ ପରିଚୟ କେତେକ ପଂକ୍ତିରେ ହିଁ ବର୍ଣ୍ଣନା କରିବି । କିନ୍ତୁ ମୁଁ ଚାହୁଁଛି ଯେ,ଥରୁଟିଏ ଗୋଟିଏ ସ୍ଥାନରେ ଜମାତର ଲିଟ୍ରେଚର ଗୁଡ଼ିକରେ ସେହି ବଦରି ସାହାବାମାନଙ୍କ ବିଷୟରେ ଆଲୋଚନା ପରିସରଭୁକ୍ତ ହେଉ । ତେଣୁ ମୁଁ ସଂକ୍ଷିପ୍ତ ନାଁ ଗୁଡ଼ିକୁ ମଧ୍ୟ ଉପସ୍ଥାପିତ କରିବି । ସେ ଯାହାହେଉ ନା କାହିଁକି ସେହି ଉଚ୍ଚ ତଥା ପଦମର୍ଯ୍ୟା ସମ୍ପନ୍ନ ବଦରି ସାହାବାମାନଙ୍କର ଯେଉଁ ମହତ୍ତ୍ୱ ଏବଂ ମାନ୍ୟତା ରହିଛି ଯଦି ସେମାନଙ୍କର ସଂକ୍ଷିପ୍ତ ବିବରଣୀ ଓ ଚର୍ଚ୍ଚା ହୁଏ ତେବେ ତାହା ଆମମାନଙ୍କ ନିମନ୍ତେ ତାହା ମଙ୍ଗଳକର ହେବ । ଏହି ସମସ୍ତ ସାହାବାମାନେ  ଅତ୍ୟନ୍ତ ଦୁର୍ବଳ ଏବଂ ଦରିଦ୍ର ହେବା ସତ୍ତ୍ୱେ ଧର୍ମର ସୁରକ୍ଷାକାରୀଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀୟ ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ସେମାନେ ଶତ୍ରୁମାନଙ୍କ ଶକ୍ତିରୁ ଭୟଭୀତ ହେଲେ ନାହିଁ ବରଂ ଇଶ୍ୱରଙ୍କ ଉପରେ ସେମାନଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା । ସେମାନ ଆଁହଜରତ୍ ସ.ଅଙ୍କର ପ୍ରତିଜ୍ଞା ରକ୍ଷା କରି ଏବଂ ପ୍ରେମମୟ ସଦଭାବନା ରକ୍ଷା କରିବା ପାଇଁ ଶପଥ ନେଇଥିଲେ । ତେବେ ସେମାନେ ନିଜର ଜୀବନକୁ ଉତ୍ସର୍ଗ କରିଦେବ ପାଇଁ ପଛଘୁଞ୍ଚା ମଧ୍ୟ ଦେଲେ ନାହିଁ । ସୁତରାଂ ସେମାନଙ୍କର ଏହି ପ୍ରତିଜ୍ଞା ରକ୍ଷା କରିଥିବା ହେତୁ ଅଲ୍ଲାଃତାଲା ମଧ୍ୟ ସେମାନଙ୍କୁ ସ୍ୱର୍ଗପୁରର ସୁସମ୍ବାଦ ପ୍ରଦାନ କରିଥିଲେ ଏବଂ ସେମାନଙ୍କ ଉପରେ ସନ୍ତୁଷ୍ଟ ହେବାର ଉଦଘୋଷଣା କଲେ ।

ଜଣେ ସାହାବି ହଜରତ୍ **ଅବଦୁର୍ ରବବାନୀ ବିନ୍ ହକ୍ ବିନ୍ ଓସ୍** ଥିଲେ । ସେ ବନୁ ସାଆଦାଃ ବଂଶୀୟ ଖଜରଜ୍ ସଂପ୍ରଦାୟଭୁକ୍ତ ଥିଲେ । ସେ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି **ସଲମା ବିନ୍ ସାବିତ୍ ବିନ୍ ୱଖଶ୍ ଅଟନ୍ତି** । ହଜରତ୍ ସଲମାଙ୍କୁ ଓହୋଦ୍ ଯୁଦ୍ଧରେ ଅବୁ ସୁଫିୟାନ୍ ଶହିଦ୍ କରିଥିଲା । ହଜରତ୍ ସଲମିଙ୍କ ପିତା ହଜରତ୍ ସାବିତ୍ ବିନ୍ ୱଖଶ୍ ଏବଂ ତାଙ୍କ ଚଚା **ହଜରତ୍ ଇଫା ବିନ୍ ୱଖଶ୍** ଏବଂ ତାଙ୍କ ଭାଇ ଅମ୍ର ବିନ୍ ସାବିତ୍ ମଧ୍ୟ ୱହୋଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି **ସନାନ୍ ବିନ୍ ସୈଫି** ଅଟନ୍ତି । ସେ ବନୁ ସଲମି ଶାଖାର ଖଜରଜ୍ ସଂପ୍ରଦାୟଭୁକ୍ତ ଥିଲେ । ସେ ୧୨ ନବୱିରେ ହଜରତ୍ ମସଅବ୍ ବିନ୍ ଉମୈର୍ ର.ଅଙ୍କ ସଂସ୍ପର୍ଶ ଆସି ଏବଂ ତାଙ୍କରି ପ୍ରଚେଷ୍ଟା ଫଳରେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ । ସେ ବୈତେ ଉକ୍ବା ସାନିୟା ଅବସରରେ ୭୦ ଜଣ ଅନସାରଙ୍କ ମଧ୍ୟରେ ଶାମିଲ୍ ହୋଇଥିଲେ। ଏଥି ସହିତ ସେ ବଦର୍, ଓହୋଦ୍ ଏବଂ ଖନ୍ଦକ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ଏବଂ ଏହି ଯୁଦ୍ଧରେ ହିଁ ସେ ବୀରଗତି ପ୍ରାପ୍ତ କରିଥିଲେ । ପୁନଶ୍ଚ ଆଉ ଜଣେ ସାହାବି **ଅବଦୁଲ୍ଲାଃ ବିନ୍ ଅବଦେ ମୁନାଫ୍** ଅଟନ୍ତି। ସେ ବନୁ ନୁମାନ୍ ସଂପ୍ରଦାୟଭୁକ୍ତ ଥିଲେ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି **ମୁହରରିଜ୍ ବିନ୍ ଆମିର୍  ବିନ୍ ମାଲିକ୍ ର.ଅ** ଅଟନ୍ତି, । ସେ ବଦର୍ ଯୁଦ୍ଧରେ ଶାମିଲ ହୋଇଥିଲେ । ଯେଉଁ ଦିନ ହୁଜୁର୍ ସ.ଅ ୱହୋଦ୍ ଯୁଦ୍ଧ ନିମନ୍ତେ ରଣକ୍ଷେତ୍ରକୁ ଯିବାକୁ ପ୍ରସ୍ତୁତ ହେଉଥିଲେ ସେହିଦିନ ପ୍ରାତଃ ସମୟରେ ହିଁ ତାଙ୍କର ଅକାଳ ବିୟୋଗ ହୋଇଥିଲା । ସେ ସେହି ଗଣମାନ୍ୟ ସାହାବି ମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଅଟନ୍ତି ଯେଉଁମାନେ କି ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ଏହା ପଛରେ ଏକ ଉଦ୍ଦେଶ୍ୟ ନିହିତ ରହିଥିଲା ଏବଂ ତାହାହେଲା,ଯେ ସେମାନେ ସେହି ଯୁଦ୍ଧରେ ଯେପରି ଶାମିଲ୍ ହୋଇ ଯାଆନ୍ତୁ ।

ସେହିପରି ଆଉ ଜଣେ ସାହାବି ହେଉଛନ୍ତି **ହଜରତ୍ ଆଏଜ୍ ବିନ୍ ମାଏସ୍ ର.ଅ** । ସେ ଅନସାରୀ ସାହାବି ଅଟନ୍ତି । ସେ ହଜରତ୍ ଅବୁ ବକ୍କର ର.ଅଙ୍କ ଶାସନ (ଖିଲାଫତ୍) କାଳରେ ୧୨ ହିଜରିରେ ୟମାମା ଯୁଦ୍ଧରେ ପ୍ରାଣ ହରାଇ ବୀରଗତି ପ୍ରାପ୍ତ କରିଥିଲେ । ସେହିପରି **ହଜରତ୍ ଅବଦୁଲ୍ଲାଃ ବିନ୍ ସଲମି ବିନ୍ ମାଲିକ୍ ଅନସାରୀ** ର.ଅ ଅଟନ୍ତି । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇ ଏହି ଓହୋଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । ଯେତେବେଳେ ହଜରତ୍ ଅବଦୁଲ୍ଲାଃ ବିନ୍ ସଲମି ଶିହଦ୍ ହୋଇଥିଲେ ସେତେବେଳେ ତାଙ୍କୁ ଏବଂ ହଜରତ୍ ମୁଜରିର୍ ର.ଅଙ୍କୁ ଓଟ ସାହାଯ୍ୟରେ ଗୋଟିଏ ଚାଦରରେ ହିଁ ଗୁଡ଼ାଇ ମଦିନାକୁ ଅଣାଯାଇଥିଲା । ହଜରତ୍ ଅବଦୁଲ୍ଲାଃ ବିନ୍ ସଲମି ର.ଅଙ୍କ ମାତା ହୁଜୁର୍ ସ.ଅଙ୍କ ନିକଟକୁ ଆସିଲେ ଏବଂ କହିଲେ, ହେ ରସୁଲୁଲ୍ଲାଃ ସ.ଅ ! ମୋର ପୁତ୍ର ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲା ଏବଂ ଓହୋଦ୍ ଯୁଦ୍ଧରେ ଶହିଦ୍ ହୋଇଯାଇଅଛି । ମୁଁ ଚାହୁଁଛି ଯେ,ତାକୁ ନିଜ ପାଖକୁ ନେଇ ଆସିବି। ଅର୍ଥାତ୍ ତାହାକୁ ମଦିନାରେ ହିଁ କବର ଦିଆଯାଉ । ଯଦ୍ୱାରାକି ମୋତେ ତାହାର କବରର ସମିପତା ପ୍ରାପ୍ତ

ହେବ । ପ୍ରତ୍ୟୁତ୍ତରରେ ହୁଜୁର୍ ସ.ଅ ଏହାର ଅନୁମତି ପ୍ରଦାନ କଲେ । ପୁନଶ୍ଚ ଆଉ ଜଣେ ସାହାବି ଯାହାଙ୍କ ନାମ **ହଜ଼ରତ୍ ମସଉଦ୍ ବିନ୍ ଖଲଦାଃ** ଅଟେ । ସେ ମଧ୍ଯ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି **ହଜ଼ରତ୍ ମସଉଦ୍ ବିନ୍ ସାଆଦା ଅନସାରୀ ର.ଅ** । ସେ **ବେଏରେ ମଉନା** ନାମକ ଏକ ସ୍ଥାନରେ ବୀରଗତି ପ୍ରାପ୍ତ କରିଥିଲେ । ହେଲେ ମହମ୍ମଦ୍ ବିନ୍ ଅମ୍ମାରା ର.ଅ ଏବଂ ଅବୁ ନଇମ୍ ର.ଅଙ୍କ ଅନୁଯାୟୀ ଖୈବର୍ ଯୁଦ୍ଧରେ ସେ ବୀରଗତି ପ୍ରାପ୍ତ କରିଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି ଅଟନ୍ତି ଯାହାଙ୍କ ନାମ ହେଲା **ହଜ଼ରତ୍ ଜ଼ୈଦ୍ ବିନ୍ ଅସଲମ୍ ର.ଅ** । ସେ ଅନସାରୀ ସାହାବି ଥିଲେ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ଏବଂ ହଜ଼ରତ୍ ଅବୁ ବକ୍କର୍ ର.ଅଙ୍କ ଖିଲାଫତ୍ ଶାସନ କାଳରେ ତଲିହା ବିନ୍ ଖୁୱେଲଦ୍ ବିନ୍ ଅଲ୍-ଅସଦ୍ ବିରୁଦ୍ଧରେ ଯୁଦ୍ଧକରି ବୀରଗତି ପ୍ରାପ୍ତ କରିଥିଲେ । ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି **ଅବୁ ଅଲ୍ ମୁନଜ଼ର୍ ୟଜ଼ିଦ୍ ବିନ୍ ଆମିର୍** ର.ଅ । ସେ ବୈତେ ଉକ୍‌ବା,ବଦର୍ ଯୁଦ୍ଧ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି ହଜ଼ରତ୍ **ଅମ୍ର ବିନ୍ ସାଆଲବା ଅନସାରୀ ର.ଅ** । ସେ ବଦର୍ ଓ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ସେ ଉଲ୍ଲେଖ କରନ୍ତି ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ ସୟାଲା ନାମକ ସ୍ଥାନରେ ସାକ୍ଷାତ୍ କରିଥିଲି ଏବଂ ସେହିଠାରେ ମୁଁ ଇସଲାମ୍ ଧର୍ମ ଗ୍ରହଣ କରିଥିଲ ଏବଂ ହୁଜୁର୍ ସ୍.ଅ ମୋ ମସ୍ତକରେ ନିଜର କର (ଅର୍ଥାତ୍ ହାତ) ବୁଲାଇଥିଲେ । ଜନଶୃତି ଅନୁଯାୟୀ ହଜ଼ରତ୍ ଅମ୍ର ବିନ୍ ସାଆଲବା ର.ଅଙ୍କ ଯେଉଁ ଜାଗାରେ ହୁଜୁର୍ ସ.ଅ ନିଜର ପବିତ୍ର ହସ୍ତ ବୁଲାଇଥିଲେ ମସ୍ତକର ସେହି ଅଂଶରେ ଦୀର୍ଘ ଶହେ ବର୍ଷ ପର୍ଯ୍ୟନ୍ତ ତାଙ୍କର କୌଣସି କେଶ ଧଳା ହୋଇ ନଥିଲା ।

**ହଜ଼ରତ୍ ଅବୁ ଖାଲିଦ୍ ହାରିସ୍ ବିନ୍ କୈସ୍ ବିନ୍ ଖାଲିଦ୍ ବିନ୍ ମୁଖଲ୍ଲଦ୍** ଜଣେ ଅନସାରୀ ସାହାବି ଥିଲେ, ସେ ବୈତେ ଉକ୍‌ବା ଏବଂ ବଦର୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଶାମିଲ ହୋଇଥିଲେ । ସେ ହଜ଼ରତ୍ ଖାଲିଦ୍ ବିନ୍ ୱଲିଦ୍ ର.ଙ୍କ ନେତୃତ୍ୱରେ ୟମାମା ଯୁଦ୍ଧରେ ଶାମିଲ୍ ହୋଇ, କ୍ଷତାକ୍ତ ହୋଇଥିଲେ ଏବଂ ତାଙ୍କର କ୍ଷତ ଭଲ ମଧ୍ଯ ହୋଇଯାଇଥିଲା । କିନ୍ତୁ ହଜ଼ରତ୍ ଉମର୍ ର.ଙ୍କ ଶାସନ କାଳରେ ପୁନର୍ବାର୍ ତାଙ୍କର ସେହି କ୍ଷତଟି ଫାଟି ଯାଇଥିଲା । ଯାହାଫଳରେକି ତାଙ୍କର ମୃତ୍ୟୁ ଘଟିଥିଲା । ତେଣୁ ତାଙ୍କୁ ୟମାମା ଯୁଦ୍ଧରେ ବୀରଗତି ପ୍ରାପ୍ତକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଉଥିଲା । ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି **ହଜ଼ରତ୍ ଅବଦୁଲ୍ଲାଃ ବିନ୍ ସାଆଲବା ଅଲ୍ ବଲୱି ର.ଅ** । ସେ ମଧ୍ଯ ଅନସାରୀ ସାହାବି ଥିଲେ । ସେ ବଦର୍ ଯୁଦ୍ଧ ଏବଂ ୱହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ।

ପୁନଶ୍ଚ ଆଉ ଜେଣେ ସାହାବି **ହଜ଼ରତ୍ ମହାବ୍ ବିନ୍ ସାଆଲବା** ଅନସାରୀ ଅଟନ୍ତି । ସେ ବୈତେ ଉକ୍‌ବାରେ ଶାମିଲ୍ ଏବଂ ନିଜର ଭାଇ ହଜ଼ରତ୍ ଅବଦୁଲ୍ଲାଃ ବିନ୍ ସାଆଲବା ର.ଙ୍କ ସହିତ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ସେହିପରି ଆଉ ଜଣେ ସାହାବି **ହଜ଼ରତ୍ ମାଲିକ୍ ବିନ୍ ମସଉଦ୍ ର.ଅ** ଅଟନ୍ତି । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ସେହିପରି ଆଉ ଜଣେ ସାହାବି **ଅବଦୁଲ୍ଲାଃ ବିନ୍ କୈସ୍ ସଖର୍** ଅନସାରୀ ଅଟନ୍ତି । ସେ ଅନସାରର ବନୁ ସଲମା ସଂପ୍ରଦାୟଭୁକ୍ତ ଥିଲେ । ସେ ନିଜର ଭାଇ ମାଆବଦ୍ ବିନ୍ କୈସ୍ ର.ଅଙ୍କ ସହିତ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ସେହିପରି **ଅବଦୁଲ୍ଲାଃ ବିନ୍ ଅବସ୍ ଅନସାରୀ** ର.ଅ ଅଟନ୍ତି । ସେ ଆଁହଜ଼ରତ୍ ସ.ଅଙ୍କ ସହିତ ବଦର୍ ଯୁଦ୍ଧ ପରେ ସଂଘଟିତ ହୋଇଥିବା ଅନ୍ୟ ସମସ୍ତ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ପୁନଶ୍ଚ ଆଉ ଜେଣେ ସାହାବି **ହଜ଼ରତ୍ ମୁଅତବ୍ ବିନ୍ କୈଶର୍ ଅନସାରୀ ର.ଅ** ଅଟନ୍ତି । ସେ ବୈତେ ଉକ୍‌ବାରେ ଶାମିଲ୍ ଥିଲେ । ସେ ବଦର୍ ଯୁଦ୍ଧ ଏବଂ ଓହୋଦ ଯୁଦ୍ଧରେ ଶାମିଲ୍ ହୋଇଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି **ହଜ଼ରତ୍ ସୱାଦ୍ ବିନ୍ ରଜ଼ନ୍ ଅନସାରୀ** ଅଟନ୍ତି । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ସେହିପରି ଆଉ ଜଣେ ସାହାବି ହେଉଛନ୍ତି **ହଜ଼ରତ୍ ମୁଉତି ବିନ୍ ଔଫ୍ ର.ଅ** । ସେ ଦ୍ୱୀତୀୟ ହବଶା ପ୍ରବାସରେ ଶାମିଲ୍ ହୋଇଥିଲେ । ତାଙ୍କର ମୃତ୍ୟୁ ୫୭ ହିଜରୀରେ ୭୮ ବର୍ଷ ବୟସରେ ହୋଇଥିଲା । ସେହିପରି ଆଉ ଜଣେ ସାହାବି ହେଉଛନ୍ତି **ବୁଜୈର୍ ବିନ୍ ଅବି ବୁଜୈର୍ ର.ଅ** ଅଟନ୍ତି । ସେ ବଦର୍ ଏବଂ ଓହୋଦ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ପୁନଶ୍ଚ ଆଉ ଜଣେ ସାହାବି **ହଜ଼ରତ୍ ଆମିର୍ ବିନ ବୁକୈର୍ ର.ଅ** ଅଟନ୍ତି । ସେ ବଦର୍ ଯୁଦ୍ଧରେ ଶାମିଲ ହୋଇଥିଲେ ଏବଂ ତାଙ୍କ ସହିତ ତାଙ୍କର ଭାଇମାନେ ହଜ଼ରତ୍ ଅୟାସ୍ ବିନ୍ ବୁକୈର୍, ହଜ଼ରତ୍ ଆକିଲ୍ ବିନ୍ ବୁକୈର୍ ଏବଂ ହଜ଼ରତ୍ ଖାଲିଦ୍ ବିନ୍ ବୁକୈର୍ ର.ଅ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ସେହିପରି ଏମାନେ ସମସ୍ତେ ଅନ୍ୟ ସମସ୍ତ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ଆମିର୍ ବିନ୍ ବୁକୈର୍ ର.ଅଙ୍କ ସମସ୍ତ ଭାଇମାନେ ଦାରେ ଅରକ୍‌ମ୍ ଠାରେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ । ଅତଃ ହଜ଼ରତ୍ ଆମିର୍ ବିନ୍ ବୁକୈର୍ ର.ଅ ୟମାମା ଯୁଦ୍ଧ ଦିନ ବୀରଗତି ପ୍ରାପ୍ତ କରିଥିଲେ ।

ପୁନଶ୍ଚ ଆଉଜଣେ ସାହାବି ହେଉଛନ୍ତି ହଜ଼ରତ୍ ଅମ୍ର ବିନ୍ ସୁରାକ୍‌ା ବିନ୍ ଅଲ୍ ମୁଅତର୍ ର.ଅ । ସେ ବଦର୍ ଏବଂ ଖନ୍ଦକ୍ ଯୁଦ୍ଧ ବ୍ୟତୀତ ଅନ୍ୟ ସମସ୍ତ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ହଜ଼ରତ୍ ଆମିର୍ ବିନ୍ ରବିୟା ବର୍ଣ୍ଣନା କରନ୍ତି ଯେ,ଆଁହଜ଼ରତ୍ ସ.ଅ ଆମମାନଙ୍କୁ ସରିୟା (ଆଁହଜ଼ରତ୍ ସ.ଅଙ୍କ ସମୟର ଯେଉଁ ଯୁଦ୍ଧ ସଂଘଟିତ ହେଉଥିଲା ଏବଂ ସେହି ଯୁଦ୍ଧରେ ଆଁହଜ଼ରତ୍ ସ.ଅ ସ୍ୱୟଂ ସମ୍ମିଳିତ ବା ଶାମିଲ୍ ହେଉ ନଥିଲେ) ନଖଲା ନାମକ ଏକ ସ୍ଥାନକୁ ପ୍ରେରଣ କଲେ ଏବଂ ଆମ ସହିତ ହଜ଼ରତ୍ ଅମ୍ର ବିନ୍ ସୁରାକ୍‌ା ମଧ୍ଯ ଥିଲେ । ତାଙ୍କର ଶରୀର ଦୁର୍ବଳ ଏବଂ ଉଚ୍ଚତା ଦୀର୍ଘ ଥିଲା । ଯାତ୍ରା ସମୟରେ ହଜ଼ରତ୍ ଅମ୍ର ବିନ୍ ସୁରାକ୍‌ା ପେଟକୁ ଧରି ବସି ପଡ଼ିଲେ । ସେ ବୁଭୁକ୍ଷୁତା କାରଣରୁ ଆଉ ଚାଲିପାରୁ ନଥିଲେ । ସେ ବର୍ଣ୍ଣନା କରନ୍ତି ଯେ, ଆମେମାନେ ଗୋଟିଏ ପଥର ଖଣ୍ଡ ଆଣି ନିଜର ପେଟରେ ଭିଡି ବାନ୍ଧି ଦେଲୁ । ପୁନଶ୍ଚ ସେ ଆମ ସହିତ ଚାଲିବାକୁ ଲାଗିଲେ । ପୁନଶ୍ଚ ଯେତେବେଳେ ଆମେମାନେ ଆରବର ସଂପ୍ରଦାୟ ପାଖରେ ପହଞ୍ଚିଲୁ ସେତେବେଳେ ସଂପ୍ରଦାୟର ଲୋକମାନେ ଆମମାନଙ୍କର ଅତିଥି ସତ୍କାର କଲେ । ଏହାପରେ ସେ

ପୁନର୍ବାର୍ ସେଠାରୁ  ବାହାରି ପଡ଼ିଲେ । ଭୋଜନ କରି ସାରିବା ପରେ ଯେତେବେଳେ ସେହି ସାହାବା ଜଣକ ବାହାରିବାକୁ ଲାଗିଲେ ସେତେବଳେ ହଜ଼ରତ୍ ଅମ୍ର ବିନ୍ ସୁରାକ୍ା କହିବାକୁ ଲାଗିଲେ ଯେ,ପ୍ରଥମେ ମୁଁ ଏହା ଭାବୁଥିଲି ଯେ, ମନୁଷ୍ୟର ଉଭୟ ଗୋଡ଼ ତାହାର ପେଟ ବା ଉଦରର ଭାରକୁ ବହନ କରିଥାଏ । କିନ୍ତୁ ଆଜି ମୁଁ ଜାଣିଲି ଯେ, ବାସ୍ତବରେ ଉଦର ହିଁ ପାଦର ଭାର ବହନ କରିଥାଏ । ସେ ହଜ଼ରତ୍ ଉସମାନ୍ ର.ଅ ଖିଲାଫତ୍ ଶାସନ କାଳରେ ମୃତ୍ୟୁବରଣ କରିଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି **ହଜ଼ରତ୍ ସାବିତ୍ ବିନ୍ ହଜ୍ଜାଲ୍ ର.ଅ** । ସେ ବଦର୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ହୋଇଥିଲେ । ୧୨ ହିଜରୀରେ ହଜ଼ରତ୍ ଅବୁ ବକ୍କର ର.ଅଙ୍କ ଖିଲାଫତ୍ ଶାସନ କାଳରେ ହୋଇଥିବା ଯୁଦ୍ଧରେ ସେ ବୀରଗତି ପ୍ରାପ୍ତ କରିଥିଲେ । ପୁନଶ୍ଚ ଆଉ ଜଣେ ସାହାବି **ସବିହ୍ ବିନ୍ କୈସ୍** ଅଟନ୍ତି । ସେ ଅନସାରୀ ଏବଂ ଖଜ଼ରଜି ସଂପ୍ରଦାୟଭୁକ୍ତ ଥିଲେ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ତାଙ୍କ ମାତାଙ୍କ ନାମ ଖଦିଜା ବିନତ୍ ଅମ୍ର ବିନ୍ ଜ଼ୈଦ୍ ଅଟେ । ହଜ଼ରତ୍ ସବିହଙ୍କ କେବଳ ଗୋଟିଏ ପୁତ୍ର ସନ୍ତାନ ଥିଲା ଯାହାର ନାମ ଅବଦୁଲ୍ଲାଃ ଥିଲା । ହଜ଼ରତ୍ ଉବାଦା ବିନ୍ କୈସ୍ ଏବଂ ଜ଼ୈଦ୍ ବିନ୍ କୈସ୍ ତାଙ୍କର ଭାଇ ଥିଲେ ସେ ହଜରତ୍ ଅବୁ ଦାଉଦଙ୍କର ଚଚା ଥିଲେ । ସେହିପରି ଆଉ ଜଣେ ସାହାବି ହେଉଛନ୍ତି **ହଜ଼ରତ୍ ଖୁବବାବ୍ ର.ଅ** । ତାଙ୍କ ମାଲିକ ଅତବା ବିନ୍ ଗଜ଼ୱାନ ଥିଲେ । ତେଣୁ ହଜ଼ରତ୍ ଅତବା ବିନ୍ ଗଜ୍ୱାନଙ୍କର ମୁକ୍ତ ହୋଇଥିବା ଦାସମାନଙ୍କ ମଧ୍ୟରେ ହଜ଼ରତ୍ ଖୁବବାବ୍ ର.ଅ ଅନ୍ୟତମ ଅଟନ୍ତି । ମଦିନା ପ୍ରବାସ ମସୟରେ ଆଁହଜ଼ରତ୍ ସ.ଅ ହଜ଼ରତ୍ ଖୁବବାବ୍ ର.ଅ ଏବଂ ଦାସ ତମିମଙ୍କ ମାଲିକ ଖରାଶ୍ ବିନ୍ ଅସମାଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ହଜ଼ରତ୍ ଖୁବବାବ୍ ର.ଅ ବଦର୍ ଏବଂ ଓହୋଦ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ହୋଇଥିଲେ । ତାଙ୍କର ମୃତ୍ୟୁ ୧୯ ହିଜରୀରେ ମଦିନା ଠାରେ ହୋଇଥିଲା । ମୃତ୍ୟୁ ସମୟରେ ତାଙ୍କୁ ୫୦ ବର୍ଷ ବୟସ ହୋଇଥିଲା । ତାଙ୍କର ନମାଜ଼େ ଜନାୟା ହଜ଼ରତ୍ ଉମର୍ ର.ଅ ପଢେଇ ଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି **ହଜ଼ରତ୍ ସୁଫିୟାନ୍ ବିନ୍ ନସର୍** ଅନସାରୀ ର.ଅ । ସେ ବନୁ ଜୌଶମ୍ ବଂଶୀୟ ଖଜ଼ରଜ୍ ସଂପ୍ରଦାୟଭୁକ୍ତ ଥିଲେ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ଏକ ରିୱାୟତ୍ ଅନୁଯାୟୀ ଆଁ ହଜ଼ରତ୍ ସ.ଅ ହଜ଼ରତ୍ ସୁଫିୟାନ୍ ଏବଂ ହଜ଼ରତ୍ ତୁଫୈଲ୍ ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ସେହିପରି ଆଉ ଜଣେ ସାହାବି ହେଉଛନ୍ତି **ଅବୁ ମଗଶି ଅଲତାଇ ର.ଅ** । ସେ ତାଙ୍କର ସାଂଙ୍କ୍ଷା ଅବୁ ମଗଶିରୁ ହିଁ ଖ୍ୟାତ ଥିଲେ । କିନ୍ତୁ ତାଙ୍କର ପ୍ରକୃତ ନାମ ସୁୖଦ୍ ବିନ୍ ମଗଶି ଅଟେ । ଅବୁ ମଗଶି ଅଲତାଇ ବନୁ ଅସଦଙ୍କର ହଲିଫ୍ ଅର୍ଥାତ୍ ମିତ୍ର ଥିଲେ । ସେ ପ୍ରାଥମିକ ପ୍ରବାସକାରୀଙ୍କ ମଧ୍ୟରେ ଅନ୍ୟତମ ଥିଲେ ଏବଂ ବଦର୍ ଯୁଦ୍ଧରେ ସେ ଶାମିଲ୍ ହୋଇଥିଲେ । ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି **ହଜ଼ରତ୍ ୱହବ୍ ବିନ୍ ଅବି ସରାଃ** । ମୁଁସା ବିନ୍ ଉକ୍ବା ବର୍ଣ୍ଣନା କରନ୍ତି ଯେ,ସେ ଅର୍ଥାତ୍ ଅବି ସରାଃ ଏବଂ ତାଙ୍କର ଭାଇ ବଦର୍ ଏଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ପୁନଶ୍ଚ ଆଉ ଜଣେ ସାହବି ହେଉଛନ୍ତି ବନୁ ଗନମ୍ ଅନସାରୀଙ୍କ ଦାସ ତମିମ୍ ର.ଅ । ସେ ବନୁ ଗନମଙ୍କର ମୁକ୍ତ ହୋଇଥିବା ଦାସମାନଙ୍କ ମଧ୍ୟରେ ଅନ୍ୟତମ ଅଟନ୍ତି । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି **ହେଉଛନ୍ତି ହଜ଼ରତ୍ ଅବୁଲ୍ ହମରା ର.ଅ** । ସେ ହଜ଼ରତ୍ ହାରିସ୍ ବିନ୍ ଅଫରା ର.ଅଙ୍କ ଦାସ ଥିଲେ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ବଦର୍ ଯୁଦ୍ଧ ସମୟରେ ହଜ଼ରତ୍ ମୁଆଜ୍, ହଜ଼ରତ୍ ଅଫ୍, ହଜ଼ରତ୍ ମୁଅୱ୍ୱଜ୍ ଏବଂ ତାଙ୍କର ମୁକ୍ତ ହୋଇଥିବା ଦାସ ଅବୁଲ୍ ହମରା ର.ଅଙ୍କ ପାଖରେ କେବଳ ଗୋଟିଏ ମାତ୍ର ଓଟ ରହିଥିଲା । ଯାହା ଉପରେ ସେମାନେ ପାଳି କରି ଆରୋହଣ ହେଉଥିଲେ । ପୁନଶ୍ଚ ଆଉ ଜଣେ ସାହାବି **ଅବୁ ସବରାଃ ର.ଅ ବିନ୍ ଅବି ରୁହମ୍ ର.ଅ** ଅଟନ୍ତି । ତାଙ୍କର ମାତା ବରାଃ ବିନତ୍ ଅବଦୁଲ୍ ମୁତଲ୍ଲିବ୍ ଥିଲେ । ଯେକି ରସୁଲୁଲ୍ଲାଃ ସ.ଙ୍କ ପିଇସି ଥିଲେ । ହଜ଼ରତ୍ ଅବୁ ସବରାଃ ର.ଅ ହବଶା ଆଡ଼କୁ ଦୁଇଥର ପ୍ରବାସ କରିଥିଲେ । ମଦିନାକୁ ପ୍ରବାସ କଲାପରେ ସେ ମୁନଜ଼ିର୍ ବିନ୍ ମହମ୍ମଦଙ୍କ ପାଖରେ ଆତିଥ୍ୟତା ଗ୍ରହଣ କରିଥିଲେ । ରସୁଲୁଲ୍ଲାଃ ସ.ଅ ତାଙ୍କ ଏବଂ ସଲମା ବିନ୍ ସଲ୍ଲାମାଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧ ବ୍ୟତୀତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କର ହମରେକାବ୍ (ସହଯାତ୍ରୀ ବା ପଥଚାରୀ) ରହିଥିଲେ । ସେ ହଜ଼ରତ୍ ଉସମାନ୍ ର.ଅଙ୍କ ଖିଲାଫତ୍ ସମୟରେ ମୃତ୍ୟୁବରଣ କରିଥିଲେ । ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି **ହଜ଼ରତ୍ ସାବିତ୍ ବିନ୍ ଅମ୍ର ବିନ୍ ଜ଼ୈଦ ର.ଅ** ଅଟନ୍ତି । ଇବ୍ନେ ଇସହାକ୍ ଏବଂ ଜ଼ୋହରୀଙ୍କ ଅନୁଯାୟୀ ତାଙ୍କର ବଂଶ ପରମ୍ପରା ବନୁ ନଜ୍ଜାର୍ ବୋଲି ସେ ଉଲ୍ଲେଖ କରନ୍ତି । ସେ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ଏବଂ ଓହୋଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି **ହଜ଼ରତ୍ ଅବୁ ଅଲ୍ ଅୱାର୍ ବିନ୍ ଅଲ୍ ହାରିସ୍ ର.ଅ** । ତାଙ୍କ ମାତାଙ୍କ ନାମ ଉମ୍ମେ ନିୟାର୍ ବିନତ୍ ଅୟ୍ୟାସ୍ ବିନ୍ ଆମିର୍ ଥିଲା । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ସେହିପରି ଆଉ ଜଣେ ସାହାବି ହେଉଛନ୍ତି ହଜ଼ରତ୍ ଅବସ୍ ବିନ୍ ଆମିର୍ ବିନ୍ ଅଦି ର.ଅ । ତାଙ୍କ ମାତାଙ୍କ ନାମ ଅଲ୍ ବନିନ୍ ବିନତ୍ ଜ଼ହିର୍ ବିନତ୍ ସାଆଲବା ଥିଲା । ସେ ସେହି ୭୦ ଜଣ ଅନସାରୀ ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ଯେଉଁମାନେ କି ବୈତେ ଉକ୍ବାରେ ଶାମିଲ୍ ତଥା ଉପସ୍ଥିତ ଥିଲେ । ଏବେ ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ପୁନଶ୍ଚ ଆଉ ଜଣେ ସାହାବି **ହଜ଼ରତ୍ ଅୟ୍ୟାସ୍ ବିନ୍ ବୁର୍କୈର୍ ର.ଅ** ଅଟନ୍ତି । ସେ ବନୁ ସାଆଦ୍ ବିନ ଲୈସ୍ ସଂପ୍ରଦାୟଭୁକ୍ତ ଥିଲେ । ଯିଏକି ବନୁ ଅଦି ସଂପ୍ରଦାୟର ମିତ୍ର ବା ମୈତ୍ରିକ ସଂପର୍କ ସ୍ଥାପନକାରୀ ଥିଲେ । ହଜ଼ରତ୍ ଆକ୍ିଲ୍, ହଜ଼ରତ୍ ଆମିର୍, ହଜ଼ରତ୍ ଅୟ୍ୟାସ୍ ଏବଂ ହଜ଼ରତ୍ ଖାଲିଦ୍ ର.ଅ ଏକତ୍ର ଭାବେ ଦାରେ ଅରକ୍ମ୍ ଠାରେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ । ମଦିନାକୁ ପ୍ରବାସ କଲା ପରେ ସେ ରିଫା ବିନ୍ ଅବଦୁଲ୍ ମୁନଜ଼ର୍ ର.ଅ ଙ୍କ ଘରେ ଆତିଥ୍ୟତା ଗ୍ରହଣ କରିଥିଲେ । ତାଙ୍କ ମାତାଙ୍କର ତିନି ପୁତ୍ର ଥିଲେ । ଯେଉଁମାନେକି ତାଙ୍କର ଭାଇ ଥିଲେ । ଏମାନଙ୍କ

ବ୍ୟତୀତ ଆହୁରି ଅନ୍ୟ ଭାଇମାନେ ମଧ୍ୟ ରହିଥିଲେ । ଏମାନେ ସମସ୍ତେ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ଇବ୍ନେ ୟୁନୁସଙ୍କ ମତରେ ହଜ଼ରତ୍ ଅୟ୍ୟାସ୍ ମିସର୍ ବିଜୟରେ ମଧ୍ୟ ଶାମିଲ୍ ଥିଲେ ଏବଂ ସେ ୩୪ ହିଜରୀରେ ମୃତ୍ୟୁବରଣ କରିଥିଲେ । ହେଲେ ଅନ୍ୟ ଏକ ରିୱାୟତ୍ ଅନୁଯାୟୀ ହଜ଼ରତ୍ ଅୟ୍ୟାସ୍ ର.ଅ ୟମାମା ଯୁଦ୍ଧରେ ମୃତ୍ୟୁବରଣ କରିଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି ହଜ଼ରତ୍ ମାଲିକ୍ ବିନ୍ ନୁମୈଲା ର.ଅ । ତାଙ୍କ ମାତାଙ୍କ ନାମ ନୁମୈଲା ଥିଲା । ସେ ମୁଜ଼୍ନୈନା ସଂପ୍ରଦାୟଭୁକ୍ତ ଥିଲେ । ଯାହାକି ଓସ୍ ସଂପ୍ରଦାୟର ଏକ ଶାଖା ବନି ମୁଆୱିୟାଙ୍କର ହଲିଫ୍ ଅର୍ଥାତ୍ ମିତ୍ର ବା ମୈତ୍ରିକ ସଂପର୍କ ରକ୍ଷାକର୍ତ୍ତା ଥିଲେ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇ ପରିଶେଷରେ ଓହୋଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ ।

ପୁନଶ୍ଚ ଆଉ ଜଣା ସାହାବି ହେଉଛନ୍ତି **ହଜ଼ରତ୍ ଉନୈସ୍ ବିନ୍ କ୍ଵତାଦା ବିନ୍ ରବିୟା ର.ଅ** । ସେ ଅନସାରର ବନୁ ଓସ୍ ସଂପ୍ରଦାୟଭୁକ୍ତ ଥିଲେ । ସେ ବଦର୍ ଯୁଦ୍ଧରେ ହୁଜ଼ୁର୍ ସ.ଅଙ୍କ ସାହାଯାତ୍ରୀ ତଥା ଯୁଦ୍ଧରେ ଶାମିଲ୍ ହୋଇ ପରିଶେଷରେ ଓହୋଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । ହଜ଼ରତ୍ ଖୁନସା ବିନ୍ ଖଜ଼ାମ୍ ହଜ଼ରତ୍ ଉନୈସ୍ ବିନ୍ କ୍ଵତାଦାଙ୍କୁ ବିବାହ କରିଥିଲେ । ଯେତେବଳେ ଉନୈସ୍ ର.ଅ ଶହିଦ୍ ହୋଇଯାଇଥିଲେ ସେତେବେଳେ ଖୁନସାଙ୍କ ପିତା ମୁଜ଼୍ନୈନା ସଂପ୍ରଦାୟରୁ ଜଣେ ବ୍ୟକ୍ତିଙ୍କ ସହିତ ତାଙ୍କର ବିବାହ କରିଦେଇଥିଲେ । କିନ୍ତୁ ହଜ଼ରତ୍ ଖୁନସା ର.ଅ ଏହାକୁ ନାପସନ୍ଦ କରୁଥିଲେ । ଅତଃ ସେ ଆଁହୁଜ଼ୁର୍ ସ.ଅଙ୍କ ନିକଟକୁ ଆସିଲେ ଏବଂ ସଂପୂର୍ଣ୍ଣ କଥା କହିଲେ । ଯଦ୍ଵାରାକି ଆଁହଜ଼ରତ୍ ସ.ଅ ତାଙ୍କର ନିକାଃ ଫସଖ୍ (ଛିନ୍ନ ବା ଭାଙ୍ଗି ଦେଇଥିଲେ) କରିଦେଇଥିଲେ । ଏହାପରେ ହଜ଼ରତ୍ ଖୁନସା ର.ଅ ହଜ଼ରତ୍ ଅବୁ ଲୁବାବା ର.ଅଙ୍କ ସହିତ ବିବାହ କରିଥିଲେ । ସୁତରାଂ ହୁଜ଼ୁରେ ଅନୱର୍ ଅ.ବ.ଅ ଉଲ୍ଲେଖ କରନ୍ତି ଯେ, ଏ ହେଉଛି ସେହି ଆଦର୍ଶ ବା ଉଦାହରଣ ଯାହାକି ପାରିବାରିକ ସଂପର୍କ ରକ୍ଷା କ୍ଷେତ୍ରରେ ନାରୀମାନଙ୍କୁ ପ୍ରାଦନ କରାଯାଇଥିବା ସ୍ଵାଧୀନତା ଏବଂ ଯେଉଁ ଅଭିଭାବକମାନେ ନିଜର କନ୍ୟାମାନଙ୍କୁ ପିତାମାତାଙ୍କ ଇଚ୍ଛା ଅନୁଯାୟୀ ବିବାହ କରିବା ପାଇଁ ବାଧ୍ୟ କରିଥାଆନ୍ତି । ସେମାନଙ୍କୁ ଏହି କଥା ପ୍ରତି ବିଶେଷରୂପେ ଚିନ୍ତା କରିବା ଦରକାର୍ ଅର୍ଥାତ୍ ବିବାହ କ୍ଷାତ୍ରରେ ନାରୀମାନଙ୍କୁ ସ୍ଵାଧୀନତା ପ୍ରଦାନ କରିବା ଦରକାର ।

ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି **ରାଫେ ବିନ୍ ଅନଜଦା ଅନସାରୀ ର.ଅ** । ତାଙ୍କ ପିତାଙ୍କ ନାମ ଅବଦୁଲ୍ ହାରିସ୍ ଥିଲା ଏବଂ ମାତାଙ୍କ ନାମ ଅନଜଦା ଥିଲା । ସେ ବଦର୍,ଓହୋଦ୍ ଏବଂ ଖନ୍ଦକ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ଆଁହଜ଼ରତ୍ ସ.ଅ ହଜ଼ରତ୍ ରାଫେ ବିନ୍ ଅନଜଦା ଏବଂ ହଜ଼ରତ୍ ହୁସୈନ୍ ବିନ୍ ହାରିସଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି **ହଜ଼ରତ୍ ଖଲିଦା ବିନ୍ କୈସ୍ ର.ଅ** । ତାଙ୍କ ମାତାଙ୍କ ନାମ ଆଦାମ୍ ବିନ୍ ଅଲକୈନ୍ ଥିଲା । ଯିଏକି ବନୁ ସଲମା ସଂପ୍ରଦାୟଭୁକ୍ତ ଥିଲେ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ ଥିଲେ । ତାଙ୍କ ଭାଇଙ୍କ ନାମ ଖଲଲ୍ଲାଦ୍ ଥିଲା । କେତେକ ଐତିହାସିକଙ୍କ ମତରେ ସେ ବି ବଦରି ସାହାବମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି **ହଜ଼ରତ୍ ସକ୍ଵଫ୍ ବିନ୍ ଅମ୍ର ର.ଅ** ଅଟନ୍ତି । ସେ ବନୁ ଅସଦଙ୍କର ମୈତ୍ରିକ ସଂପର୍କ ସ୍ଥାପନକାରୀ ଥିଲେ । ସେ ନିଜର ଦୁଇ ଭାଇଙ୍କ ସହିତ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ଯାହାଙ୍କର ନାମ ହେଲା ହଜ଼ରତ୍ ମାଲିକ୍ ବିନ୍ ଅମ୍ର ଏବଂ ବୁତଲାଜ୍ ବିନ୍ ଅମ୍ର । ସେ ପ୍ରାଥମିକ ପ୍ରବାସକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ସେ ବଦର୍, ଓହୋଦ୍, ଖନ୍ଦକ୍, ହୁଦୈବିୟା ଏବଂ ଖୈବର୍ ଯୁଦ୍ଧରେ ଶାମିଲ୍ ହୋଇ ପରିଶେଷରେ ଖୈବର୍ ଯୁଦ୍ଧରେ ପ୍ରାଣ ହରାଇ ବୀରଗତି ପ୍ରାପ୍ତ କରିଥିଲେ ।

ସେହିପରି ଆଉ ଜଣେ ସାହାବି ହେଉଛନ୍ତି **ସବରା ବିନ୍ ଫାତିକ୍ ର.ଅ** । ସେ ଖରିମ୍ ବିନ୍ ଫାତିକଙ୍କର ଭାଇ ଥିଲେ ଏବଂ ସେ ବନୁ ଅସଦ୍ ବଂଶୀୟ ଥିଲେ । ତାଙ୍କ ପିତାଙ୍କ ନାମ ଫାତିକ୍ ବିନ୍ ଅଲ୍ ଅଖରମ୍ ଥିଲା । ଐମନ୍ ବିନ୍ ଖରିମ୍ ଉଲ୍ଲେଖ କରନ୍ତି ଯେ, ରସୁଲେ କରିମ୍ ସ.ଅ କହିଲେ ଯେ,ଧର୍ମ ନିକିତିକୁ ସର୍ବଦା ଅଶେଷ ଦୟାବାନ୍ ଅଲ୍ଲାଃତାଲା ହିଁ ନିଜ ହାତରେ ଧରି ରଖିଛନ୍ତି । ସେ ହିଁ କେତେକ ଜାତିକୁ ଉନ୍ନିତ ପ୍ରଦାନ କରନ୍ତି ଏବଂ ସେ ହିଁ କେତେକ ଜାତିକୁ ଅବନତି ପ୍ରଦାନ କରିଥାଆନ୍ତି । ସୁତରାଂ ଆଁହଜ଼ରତ୍ ସ.ଅ ହଜ଼ରତ୍ ଅବୁ ଦରଦାଙ୍କ ପାଖରୁ ଅତିକ୍ରମ କରୁଥିଲେ ତେବେ ଆଁହୁଜ଼ୁର୍ ସ.ଅ କହିଲେ ସର୍ବଦା ସବରାଙ୍କ ସହିତ ମହମ୍ମଦ୍ ସ.ଅଙ୍କ ଆଲୋକ ରହିଛି ।

ଖୁତବାର ଶେଷପର୍ଯ୍ୟାୟରେ ହୁଜ଼ୁରେ ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବେନସ୍ରେଃହିଲ୍ ଅଜ଼ିଜ୍ କହିଲେ ଯେ,ବର୍ତ୍ତମାନ୍ ଜୁମା ନମାଜ଼ ପରେ ମୁଁ କେତେକଙ୍କର ନମାଜ଼େ ଜନାଯ଼ାଃ ଗାଏବ୍ ( ଅନ୍ତ୍ୟୋଷ୍ଟି କ୍ରିୟା) ପଢେଇବି । ତନ୍ମଧ୍ୟରୁ ପ୍ରଥମ ଜନାଯ଼ା ହେଉଛ ସ୍ଵର୍ଗତ ମୁକରରମ୍ ଉମକୋ ଅଦନାନ୍ ଇସମାଇଲ୍ ସାହେବ ମାଲେସିଆଙ୍କର ଅଟେ । ତାଙ୍କର ମୃତ୍ୟୁ ଅକ୍ଟୋବର ୮ ତାରିଖରେ ୭୪ ବର୍ଷ ବୟସରେ ହୋଇଥିଲାاِنَّا لِلّٰہِ وَ اِنَّا اِلَیۡہِ رٰجِعُوۡن। ଦ୍ଵିତୀୟ ଜନାଯ଼ା ସ୍ଵର୍ଗତା ହମିଦା ବେଗମ୍ ସାହାବାଙ୍କର ଅଟେ । ସେ ଚୌଧୁରି ଖଲିଲ୍ ଅହମଦ ସାହାବେଙ୍କର ପତ୍ନୀ ଥିଲେ । ତାଙ୍କର ମୃତ୍ୟୁ ଅକ୍ଟୋବର ୫ତାରିଖରେ ୮୪ବର୍ଷ ବୟସରେ ହୋଇଥିଲାاِنَّا لِلّٰہِ وَ اِنَّا اِلَیۡہِ رٰجِعُوۡن ।

......................

**Khulasa Khutba Juma Huzoor Anwar a.b.a**
**12 OCT 2018**

.............